# ଓଡିଶା ରାଜ୍ୟ ବିହନ ନିଗମ ଲିଃ

## ସାନ୍ତରାପୁର, ଭୁବନେଶ୍ୱର-୨

ବ୍ଲକ ଏବଂ ପୌରାଞ୍ଚଳ ସ୍ତରୀୟ ବିହନ ବିକ୍ରୟ କେନ୍ଦ୍ର ପାଇଁ ଆବେଦନ ପତ୍ର

**(Franchised sale outlet of OSSC Ltd)**

## ଶୁଦ୍ଧି ପତ୍ର (Corrigendum)

**ଏତ୍ଦ୍ୱାରା ବ୍ଲକ ଏବଂ ପୌରାଞ୍ଚଳ ସ୍ତରୀୟ ବିହନ ବିକ୍ରୟ କେନ୍ଦ୍ର ପାଇଁ ଆବେଦନ ପତ୍ର ର ସମୟ ସୀମା ତା ୧୫.୦୩.୨୦୧୭ ରିଖ ପର୍ଯ୍ୟନ୍ତ ବୃଦ୍ଧି** କରା ଯାଉଛି ଏବଂ ମୂଳ ସର୍ତ୍ତାବଳୀ ରେ କେତେକ ପରିବର୍ତ୍ତନ କରାଯାଇଛି । ସବିଶେଷ ବିବରଣୀ ବିହନ ନିଗମ ର website www.osscltd.in ରେ ଦିଆଯାଇ ଅଛି ।

ଏଣୁ ସବିନୟ ଅନୁରୋଧ ଯେ ଆବେଦନ ପତ୍ର ବିହନ ନିଗମର ମୁଖ୍ୟ କାର୍ଯ୍ୟାଳୟ ର ଠିକଣା ପରିଚାଳନା **ନିର୍ଦ୍ଦେଶକ, ଓଡିଶା ରାଜ୍ୟ ବିହନ ନିଗମ ଲିଃ, ସାନ୍ତରାପୁର, ଭୁବନେଶ୍ୱର-୨** କୁ **(Regd. Post/Speed Post/Courier )** ମାଧ୍ୟମରେ ତା **୧୫.୦୩.୨୦୧୭** ରିଖ ସୁଧା ପଠାଇ ଦିଅନ୍ତୁ ।

(ଆବେଦନ ପତ୍ର ବିହନ ନିଗମ ର website www.osscltd.in ରୁ Download କରିପାରିବେ । )

ପରିଚାଳନା ନିର୍ଦ୍ଦେଶକ
ଓଡିଶା ରାଜ୍ୟ ବିହନ ନିଗମ ଲିଃ

# ଓଡିଶା ରାଜ୍ୟ ବିହନ ନିଗମ ଲିଃ

## ସାନ୍ତରାପୁର, ଭୁବନେଶ୍ୱର-୨

ବ୍ଲକ ଏବଂ ପୌରାଞ୍ଚଳ ସ୍ତରୀୟ ବିହନ ବିକ୍ରୟ କେନ୍ଦ୍ର ପାଇଁ ଆବେଦନ ର କତେକ ସର୍ତ୍ତବଳୀର ପରିବର୍ତ୍ତନ କରାଯାଇଅଛି । ଯାହା ନିମ୍ନରେ ପ୍ରଦାନ କରାଗଲା

୧. ପ୍ରତିଭୂତି ଅମାନତ (Security Deposit)

ପ୍ରତ୍ୟେକ ଏଜେଣ୍ଟଙ୍କୁ ଏଜେଣ୍ଟସିପ ବାବଦରେ ଟ. ୧୦,୦୦୦.୦୦(ଦଶ ହଜାର) ଙ୍କାର ପ୍ରତିଭୂତି ଅମାନତ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କ ନାମରେ ଆବେଦନ ପତ୍ର ସହିତ ସଂଲଗ୍ନ କରି ଦେବାକୁ ହେବ

ଏହା ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ । ଉକ୍ତ ଜମା ରାଶି କୁ ୩ ବର୍ଷ ପୂର୍ତ୍ତି ପରେ ଅବଧି ବୃଦ୍ଧି ର ଅନୁମୋଦନ ନ ହେଲେ ଫେରାଇ ଦିଆଯିବ ।

୨. ଅବର୍ତୀ ପାଣ୍ଠି **(Revolving Fund)**

ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ନିଗମ ତରଫରୁ ସ୍ଥାନୀୟ ବିହନ ଉତ୍ପାଦନ ଅଧିକାରୀଙ୍କ ଜରିଆରେ ଏଜେଣ୍ଟ ଭାବେ ନିଯୁକ୍ତି ପତ୍ର ପ୍ରଦାନ କରାଯିବ । ଆବେଦନ କରୀ ନିଗମ ତରଫରୁ ଏଜେଣ୍ଟ ଭାବରେ ନିଯୁକ୍ତି ପାଇଁ ମନୋନିତ ହେବା ସମ୍ବନ୍ଧୟ ପତ୍ର ପାଇବାର ୧୫ ଦିନ ମଧ୍ୟରେ ଏକ ଚୁକ୍ତିପତ୍ର ଏକଶହ ଟଙ୍କା ମୂଲ୍ୟର Non judicial stamp **paper** ରେ ନିଗମର ବିହନ ଉତ୍ପାଦନ ଅଧିକାରୀଙ୍କ ସହ ସମ୍ପାଦନ କରିବେ । ଏଥିପାଇଁ ତାଙ୍କୁ ନିଗମର ନିର୍ଦ୍ଧାରିତ ୧,୦୦,୦୦୦ (ଏକ ଲକ୍ଷ ଟଙ୍କା) ଅବର୍ତୀ ପାଣ୍ଠି (Revolving fund) ବ୍ୟାଙ୍କ ଡ୍ରାପ୍ଟ/ ଇ-ଟ୍ରାନ୍ସଫର ଜରିଆରେ ପ୍ରଦାନ କରିବାକୁ ପଡିବ ଯାହା ବାଧ୍ୟତା ମୂଳକ ନୁହେଁ ।

୩. ଅବର୍ତୀ ପାଣ୍ଠି ଜମା କରିଥିବା ଏଜେଣ୍ଟ ମାନଙ୍କୁ ବିହନ ନିଗମ ନିଜ ବ୍ୟାବସ୍ଥାରେ ବିହନ ଯୋଗାଇ ଦେବ । ଯେଉଁ ଏଜେଣ୍ଟ ମାନେ ଅବର୍ତୀ ପାଣ୍ଠି (Revolving fund) ଜମା କରିନଥିବେ ସେମାନେ ବିହନ ନିଗମରୁ ନିଜ ବ୍ୟବସ୍ଥାରେ ବିହନ ନେବେ । ସେମାନଙ୍କୁ ପରିବହନ ଏବଂ ବୁହାବୁହି ଖର୍ଚ୍ଚ ପରବର୍ତ୍ତୀ ସମୟରେ ସରକାରଙ୍କ ସ୍ଥିରିକୃତ ଦରରେ ପାଇବେ ।

୪. ଏଜେଣ୍ଟ ମାନେ ବିକ୍ରୟ କରିଥିବା ବିହନ ବାବତକୁ କ୍ୱିଣ୍ଟାଲ ପ୍ରତି ଡିଲର/ପ୍ୟାକସ ମାନଙ୍କ ଭଳି ୨୦୦ ଟଙ୍କା ଲାଭାଂଶ (Margin) ପାଇବେ ।

୫. ଏତତ୍ ବ୍ୟତୀତ ଏଜେଣ୍ଟ ମାନଙ୍କୁ ଅନାନ୍ୟ ଖର୍ଚ୍ଚ ବାବତକୁ କ୍ୱିଣ୍ଟାଲ ପ୍ରତି ପ୍ରୋତ୍ସାହନର ବ୍ୟବସ୍ଥା କରାଯିବ ।

୬. ବିକ୍ରୟ ନହୋଇ ବଳିପଡିଥିବା ବିହନକୁ ଏଜେଣ୍ଟମାନେ ବିହନ ନିଗମର ଗୋଦାମକୁ ନିଜଖର୍ଚ୍ଚରେ ଫେରାଇ ପାରିବେ ।

୭. ଏଜେଣ୍ଟମାନେ କେବଳ ପଞ୍ଜିକୃତ ଚାଷୀ ମାନଙ୍କୁ ବିହନ ବିକ୍ରୟ କରିବେ ଏବଂ ଡିବିଟି ମାଧ୍ୟମରେ ଚାଷୀ ମାନେ ପ୍ରୋତ୍ସାହନ ରାଶି ପାଇବା ପାଇଁ ଅନଲାଇନ ବ୍ୟବସ୍ଥା ନିଶ୍ଚିତ କରିବେ ।

ଅନ୍ୟ ସର୍ତ୍ତା ବଳୀରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ ।

ସ୍ୱା-

ପରିଚାଳନା ନିର୍ଦ୍ଦେଶକ

ଓଡିଶା ରାଜ୍ୟ ବିହନ ନିଗମ ଲିଃ